# Akashvani, Sambalpur

## SAMBALPURI NEWS EVENING BULLETIN

## 21 February 2026-7.02- 7.12 pm.

---

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ବିଧାନ୍‌ସଭା ନ ଆଏଜ୍ ଭିଲ୍ ଲାଗି ରହିଥିଲା ବିରୋଧୀଙ୍କର୍ ହୋହଲ୍ଲା ।

- ପୁରୀ ଶ୍ରୀ ଜଗନ୍ନାଥ୍ ମନ୍ଦିର୍ ହୁଣ୍ଡିନୁ ଗଲାବଛର୍ ଠୋଲ୍ ହେଇଛେ ୧୮ କୋଟି ୫୯ ଲାଖ୍ ୨୩ ହଜାର୍ ଟଙ୍କା - କହେଲେ ଆଇନ୍‌ମନ୍ତ୍ରୀ ।

୩- ରାଏଜେ ଆଏବା ଏପ୍ରିଲ୍ ୧ ତାରିଖ୍‌ନୁ ମୁଲ୍ ହେବା ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍‌ଆଇଆର୍ ପ୍ରକ୍ରିୟା ।

ଆଉର୍

୪- 'ବହୁଭାଷା ଭିତିକ୍ ଶିକ୍ଷା କ୍ଷେତ୍ରଥି ଯୁବ ସ୍ୱର' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ବିଧାନସଭା-୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୫ ନମ୍ବର୍ ଦିନେ ଆଏଜ୍ ଭିଲ୍ ଧାନ୍ ଘିନା ଆଉ ଚାଷୀ ସମସ୍ୟାକେ ନେଇକରି ବିରୋଧୀ ସଦସ୍ୟମାନେ ଜବର୍ କିର୍ଲାଗଗା କରିଥିଲେ । ଗୃହ କାର୍ଯ୍ୟ ସ୍ୱାଭାବିକ୍ ଭାବେ ଚଲାବାର୍ ଦିଗେ ସହଯୋଗ୍ କର୍‌ବାର୍‌କେ ବାଚସ୍ପତି ସୁରମା ପାଢ଼ୀ ବିରୋଧୀ ସଦସ୍ୟମାନ୍‌କୁ ଅନୁରୋଧ୍ କରିଥିଲେ । ମାତରକ ବିରୋଧୀଙ୍କର୍ ହୋହଲ୍ଲା ଲାଗି ଆଏଜ୍ ସଖାଲ୍‌ବେଲା ଗୃହକାର୍ଯ୍ୟ ଖାଲି ୧୦ ମିନିଟ୍ ଚାଲିଥିଲା । ତାର୍ ଉତ୍‌ରୁ ବାଚସ୍ପତି ଗୃହକେ ଉପର୍‌ବେଲା ୪ ବଜେତକ୍ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ବିରୋଧୀଙ୍କର୍ ହୋହଲ୍ଲା ଭିତ୍‌ରେ ଗୃହ ନ ପ୍ରଶ୍ନୋତର୍ କାର୍ଯ୍ୟକ୍ରମ୍ ଚାଲିଥିଲା ।

ବିଧାନ୍‌ସଭା-ପୁଷ୍ଟିହୀନତା ହି.ସ.

ରାଏଜେ ଏଛନିକା ୭ ହଜାର୍ ୬ ଶହ ୬୫ ଝନ୍ ବେଶୀ ପୁଷ୍ଟିହୀନ ଛୁଆ ଅଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାନ୍‌ସଭା ନ ଆଏଜ୍ ଦେବ୍‌ଗଡ଼୍ ବିଧାୟକ୍ ରୋମାଂଚ

ରଞ୍ଜନ୍ ବିଶ୍ୱାଲଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀମତୀ ପରିଡ଼ା କହିଛନ୍, ମୟୁର୍‌ଭଞ୍ଜ୍ ଜିଲ୍ଲା ନ ସବୁନୁ ଜହ ୭ ଶହ ୪୬ ଝନ୍ ଆଉ କେନ୍ଦୁଝର୍ ଜିଲ୍ଲା ନ ୬ ଶହ ୩୪ ଝନ୍ ଜହ ପୁଷ୍ଟିହୀନ ଛୁଆ ଅଛନ୍ । ରାଏଜେ ବାଲ୍ୟବିବାହର୍ ଥିତିକେ ନେଇକରି ଆଉଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀମତୀ ପରିଡ଼ା କହିଛନ୍, ଜାତୀୟ ହାର ଠାନୁ ରାଏଜେ ବାଲ୍ୟବିବାହ ହାର କମ୍ ରହିଛେ । ୧୨ ଟା ଜିଲ୍ଲା ନ ବାଲ୍ୟବିବାହ ସଂଖ୍ୟା ଅଏତ୍‌କା ରହିଛେ । ନବରଙ୍ଗ୍‌ପୁର୍ ଜିଲ୍ଲା ନ ସବୁନୁ ଜହ ୩୯ ଦଶ୍‌ମିକ୍ ୪ ପ୍ରତିଶତ୍ ବାଲ୍ୟବିବାହ ହାର ରହିଛେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ବିଧାନ୍‌ସଭା-ଜଗନ୍ନାଥ୍ ମନ୍ଦିର ହୁଣ୍ଡି ହି.ସ.

ପୁରୀ ଶ୍ରୀ ଜଗନ୍ନାଥ୍ ମନ୍ଦିର୍ ହୁଣ୍ଡିନୁ ଗଲାବଛର୍ ୧୮ କୋଟି ୫୯ ଲାଖ୍ ୨୩ ହଜାର୍ ଟଙ୍କା ସଂଗ୍ରହ କରାଯାଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ଗଲାବଛର୍ ଭକ୍ତମାନେ ୩ କେଜି ୪ ଶହ ୪୧ ଗ୍ରାମ୍

ସୁନା ଦାନ୍ କରିଥିଲା ବେଳେ ୩୩ କେଜି ୬ ଶହ ୪୮ ଗ୍ରାମ୍ ରୂପା ଅଲଙ୍କାର୍ ଦାନ୍ କରିଛନ୍ । ୧୯୮୧ ମସିହାନୁ ୨୦୨୪ -୨୫ ତକ୍ ଶ୍ରୀମନ୍ଦିର୍ ହୁଣ୍ଡିନୁ ୫୮ କେଜି ୩ ଶହ ୧୭ ଗ୍ରାମ୍ ସୁନା ଆଉ ଶହେ ୫୮ କେଜି ୮ ଶହ ୩୬ ଗ୍ରାମ୍ ରୂପା ସଂଗ୍ରହ ହେଇଛେ । ୨୦୧୧ ନୁ ୨୦୨୪-୨୫ ଭିତ୍‌ରେ ହୁଣ୍ଡି ସହେତେ ଅଲ୍‌ଗା ଦାନ୍ ସୂତ୍ରନୁ ୩ ଶହ ୪ କୋଟି ୫୭ ଲାଖ୍ ଟଙ୍କା ସଂଗ୍ରହ ହେଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଏସ୍‌ଆଇଆର୍- ମୁଖ୍ୟ ନିର୍ବାଚନ୍ ଅଧିକାରୀ   ହି.ସ.

ରାଏଜେ ଆଏବା ଏପ୍ରିଲ୍ ୧ ତାରିଖ୍‌ନୁ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍‌ଆଇଆର୍ ଅଭିଯାନ୍ ମୁଲ୍ ହେବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍ କହିଛନ୍ । ଶ୍ରୀ ଗୋପାଲନ୍ କହିଛନ୍, ୨୦୦୨ ଏସ୍‌ଆଇଆର୍ ତାଲିକା ତଥ୍ୟ ଯାଂଚ୍ କରିକରି ଜନାବାର୍ ଲାଗି ଅଧିକାରୀମାନ୍‌କୁ କୁହାଯାଇଛେ । ଇହାଦେ ମେପିଂ ପ୍ରକ୍ରିୟା ଚାଲିଛେ । ଫଟିକ୍ ଆଉ ନିର୍ଭୁଲ୍ ଭୋଟର୍ ତାଲିକା ବନାବାର୍ ଲାଗି ଏସ୍‌ଆଇଆର୍

କାର୍ଯ୍ୟକ୍ରମ୍ ମୁଲ୍ କରାଯାଉଛେ । ନିର୍ବାଚନ୍ ଆୟୋଗ୍ ଗଲା ୧୯ ତାରିଖ୍ ଦିନ ଏସ୍ଆଇଆର୍ ବାବଦ୍ ପ୍ରସ୍ତୁତି ସାର୍‌ବାର୍‌କେ ଓଡ଼ିଶା ସହେତେ ୨୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ମୁଖ୍ୟ ନିର୍ବାଚନ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ ବଲି ଶ୍ରୀ ଗୋପାଲନ୍ କହିଛନ୍ ।

(ଭଏସ୍ ଓଭର୍- ଆର୍.ଏସ୍.ଗୋପାଲନ୍)

ସୂଚ୍‌ନା ଅନ୍‌ସାରେ ଇହାଦେ ଦେଶର୍ ୧୨ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍ ନ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍ ପ୍ରକ୍ରିୟା ଚାଲିଛେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ୨୦୨୫-୨୬ ଅଧୀନ୍‌ଥି ସବୁ ପୁରସ୍କାର୍ ଲାଗି ଆବେଦନ୍ ସମିଆ ଆଏବା ୨୮କେ ବଢ଼ାଯାଇଛେ । ଯୋଗ୍ୟ ଆବେଦନ୍‌କାରୀମାନେ ଇତାର୍ ୱେବ୍‌ସାଇଟ୍ www.msp.odisha.gov.in ଥି ଆବେଦନ୍ କରିପାର୍‌ବେ । ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ବ୍ଲକ୍ ଶିକ୍ଷା

ଅଧିକାରୀମାନ୍‌କର୍ ଲାଗି ଆବେଦନ୍‌ଥି କୋହଲ କରାଯାଇଛେ । ଆଘୋନୁ କାର୍ଯ୍ୟରତ ଥିବେ କି ଜିଲ୍ଲା ଆଉ ବ୍ଲକ୍ ସ୍ତର୍‌ଥି ୨୦୨୪ ମସିହା ମାର୍ଚ୍ଚ ୩୧ ତାରିଖ୍ ଭିତ୍‌ରେ ଯୋଗ୍ ଦେଇଥିବା ଅଧିକାରୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ ବଲି ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଉପମୁଖ୍ୟମନ୍ତ୍ରୀ -କୃଷିକ୍ଷେତ୍ର ଏଆଇ ଆଇ.ଆଣ୍ଡ୍.ପି.ଆର୍

ଚାଷ୍‌ବାସ୍ କ୍ଷେତ୍ରଥି ନୂଆଁ ସୃଜନ୍ ଆଉ କୃତ୍ରିମ ବୁଦ୍ଧିମତା- ଏଆଇର ବେଭାର୍ ଚାଷୀମାନ୍‌କୁ ଚାଷ୍‌ବାସ୍ ବାବ୍‌ଦେ ଆଗ୍‌ତୁରା ସୂଚ୍‌ନା ଦେଇକରି ଲାଭ୍‌ବାନ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ କୃଷିକ୍ଷେତ୍ର ନ ଏଆଇର୍ ବେଭାର୍ ବାବ୍‌ଦେ ହେଇଥିବା ଗୁଟେ ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅଧ୍ୟକ୍ଷତା କରି କରି ଇଟା କହିଛନ୍ । ଇ ଅବ୍‌ସରେ କୃଷିବାସ ସଂସ୍ଥା ନିଜର୍ ସ୍ମାର୍ଟଫୋନ୍

ଆପ୍ ଜରିଏ ଚାଷ୍ ବାସ୍ ବାବଦ୍ ତଥ୍ୟ ପରିଚାଳନା ବିଷେଥି ଉପସ୍ଥାପନା କରିଥିଲେ ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

ପୁର୍ଥି ନ ଭାଷା ଆଉ ସାଂସ୍କୃତିକ୍ ବିବିଧତାକେ ତହଁକାବାର୍ ସହେତେ ମାତୃଭାଷାକେ ବଁଚେଇ ରଖିବାର୍ ଦିଗେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ । ଇ ବଛର୍ ଇ ଦିବସ୍ର ବିଷୟବସ୍ତୁ ରହିଛେ 'ବହୁଭାଷା ଭିତିକ ଶିକ୍ଷା କ୍ଷେତ୍ରଥି ଯୁବସ୍ୱର' ମାତୃଭାଷାର୍ ଗୁରୁତ୍ୱକେ ସ୍ୱୀକୃତି ଦେବାର୍ ଲାଗି ବାଂଲାଦେଶ୍ର ପ୍ରସ୍ତାବ୍ଥି ୨୦୦୦ ମସିହାନୁ ଫି' ବଛର୍ ଫେବୃଆରୀ ୨୧ ତାରିଖ୍ ଦିନ ୟୁନେସ୍କୋ ତର୍ଫୁ ଇ ଦିବସ୍ ପାଲନ୍ କରାଯାଉଛେ । ସୂଚ୍ନା ଅନ୍ସାରେ ପୁର୍ଥି ନ ପାଖାପାଖି ୭ ହଜାର୍ ଭାଷାଥି ଲୁକେ କଥାବାର୍ତା କର୍ସନ୍ । ସେଥିର୍ଭିତ୍ରୁ ବହୁତ୍ଟେ ଭାଷା ଇହାଦେ ବିପଦ୍ଥି ରହିଛେ । ଚଲ୍ତି ଶତାବ୍ଦୀ ବେଲ୍କେ ପାଖାପାଖି ୧୫ ଶହ

ଭାଷା ଲୋପ୍ ପାଇଯିବା  ବଲି ଭାଷାବିତ୍‌ମାନେ ଆକଲନ୍ କରିଛନ୍ ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଶୁଭେଚ୍ଛା ଜନେଇକରି ଫି’ ଦିନିଆ ଜୀବ୍‌ନେ ମାତୃଭାଷାର୍ ବେଭାର୍ କର୍‌ବାର୍ ସହେତେ ଇତାର୍ ସୁରକ୍ଷା ଆଉ ସମୃଦ୍ଧି ଲାଗି ସଂକଳ୍ପ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍, ମାତୃଭାଷା ଖାଲି ଭାବ୍ ବିନିମୟର୍ ମାଧ୍ୟମ୍ ନୁହେଁ, ଇଟା ଆମର୍ ପରମ୍ପରା, ଜୀବନ୍‌ଶୈଲୀ ଆଉ ଅତୀତର୍ ଅମୂଲ୍ୟ ଜ୍ଞାନକେ ଆଏବା ପିଢ଼ି ସଙ୍ଗେ ଜୁଡ଼୍‌ସି । ମାତୃଭାଷାକେ ନେଇକରି ଆମେ ଗର୍ବିତ୍ ହେବାର୍ ସହେତେ ଇତାର୍ ପ୍ରଚାର୍ ପ୍ରସାର୍ ଲାଗି ଏକ୍‌ଜୁଟ୍ ହେବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ ।

ଅନ୍ତର୍ଜାତୀୟ ମାତୃଭାଷା ଦିବସ୍ ଅବ୍‌ସରେ ବଲାଙ୍ଗିର୍ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଆଉ ପରୀକ୍ଷା ନିୟନ୍ତ୍ରକ ଡକ୍ଟର୍ ଶ୍ୟାମ ଭୋଇ କହିଛନ୍,

(ଭଏସ୍ ଓଭର୍ - ଡକ୍ଟର୍ ଶ୍ୟାମ ଭୋଇ)

ଗ୍ରୀଷ୍ମ ମୁକାବିଲା -ପ୍ରସ୍ତୁତି ବୈଠକ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଳଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଜିଲ୍ଲା ଜରୁରୀକାଳୀନ ବିଭାଗ୍ ତର୍ଫୁ ଗ୍ରୀଷ୍ମ ମୁକାବିଲା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାୟକଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ଆଉ ବ୍ଲକ୍‌ସ୍ତରର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ଖରାମାସେ ଅଂଶୁଘାତ୍, ପାନିର୍ ଅଭାବ୍ ବାଗିର୍ ଥିତିର୍ ମୁକାବିଲା ଲାଗି ପ୍ରଶାସନିକ୍ ପ୍ରସ୍ତୁତି ବାବ୍‌ଦେ ଆଲୋଚନା କରିଛନ୍ ।

ଗ୍ଲୋବାଲ୍ ଭିସା ଆବେଦନ୍ କେନ୍ଦ୍ର ପି.ଆଇ.ବି.

ଇ ବଛର୍ ଏପ୍ରିଲ୍ ୧ ତାରିଖ୍ ଓଡ଼ିଶା ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ନ ଭିଏଫ୍‌ଏସ୍ ଗ୍ଲୋବାଲ୍ ଭିସା ଆବେଦନ୍ କେନ୍ଦ୍ର କାର୍ଯ୍ୟକ୍ଷମ ହେବା । ଭିଏଫ୍‌ଏସ୍ ଗ୍ଲୋବାଲ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଆଉ ମୁଖ୍ୟ

କାର୍ଯ୍ୟନିର୍ବାହୀ ଅଧିକାରୀ ଯୁବିନ୍ କର୍କାରିଆ-କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କୁ ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ଭୁବ୍‌ନେଶ୍ୱର୍ ନ ଇ ସେବା ମିଲ୍‌ବାର୍ ଉତ୍‌ରୁ ଓଡ଼ିଶାର୍ ଛାତ୍ରଛାତ୍ରୀ ଆଉ ବ୍ୟବସାୟୀମାନ୍‌କୁ କଲିକତା କି ଅଲ୍‌ଗା ସହର୍‌କେ ଯିବାର୍‌କେ ନାଇଁପଡ଼େ । ଇତାର୍‌ସହେତେ ଇ କେନ୍ଦ୍ର ଥାପ୍‌ନା ହେଲେ ନୂଆଁ ନିଯୁକ୍ତି ସୃଷ୍ଟି ହେବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ଇଙ୍କ୍‌ଫେଷ୍ଟ                ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ରୟାଲ୍ ପଡ଼ିଆ ନ ଚାଲିଥିବା ଜିଲ୍ଲାସ୍ତରୀୟ ପୁସ୍ତକମେଳା - ଇଙ୍କ୍‌ଫେଷ୍ଟ୍‌ର ବୌଦ୍ଧିକ ମଂଚଥି ଆଏଜ୍ 'ମହାନଦୀ ଜଳ ପ୍ରଦୂଷଣ ଆଉ ଆମର୍ ଜୀବନ୍ ଜୀବିକା' ଶୀର୍ଷକ୍ ଗୁଟେ କଥାଚକ୍ର ହେଇଯାଇଛେ ।